Teachingninja.in

Latest Govt Job updates

Private Job updates

Free Mock tests available

Visit - teachingninja.in

# OTET

## Previous Year Paper

### Paper-I

### 17 Aug, 2024

Teachingninja.in

SET : B

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦରେ ସଂପୃକ୍ତ ବୃତ୍ତଟିକୁ ନୀଳ/କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ କଳା/ନୀଳ କର ।

Each question has **four** possible answers. Choose the correct answer from among them and darken the appropriate circle completely in the OMR sheet with **Blue/Black** ball point pen.

## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ
## CHILD DEVELOPMENT & PEDAGOGY

1. ପ୍ରାଥମିକ ବିଦ୍ୟାଳୟରେ ବହୁଶ୍ରେଣୀ ଶିକ୍ଷାଦାନ ବ୍ୟବସ୍ଥା କାହିଁକି ଥାଏ ?
   (A) ଶ୍ରେଣୀଗୃହର ଅଭାବ
   (B) ଶିକ୍ଷକଙ୍କୁ ଅଧିକ କ୍ରିୟାଶୀଳ କରିବାପାଇଁ
   (C) ଶ୍ରେଣୀ ଅନୁପାତରେ କମ୍ ସଂଖ୍ୟକ ଶିକ୍ଷକ ଥିବାରୁ
   (D) ଶୃଙ୍ଖଳା ରକ୍ଷା କରିବା ନିମନ୍ତେ

2. ନିମ୍ନଲିଖିତ ମଧ୍ୟରୁ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣରେ କାହାର ଗୁରୁତ୍ୱ ଅଧିକ ?
   (A) ଶିକ୍ଷକ (B) ଶିଶୁ
   (C) ବିଷୟବସ୍ତୁ (D) ପରିବେଶ

3. କେଉଁଟି ଦକ୍ଷତା ଭିତ୍ତିକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସଂପର୍କିତ ନୁହେଁ ?
   (A) ପାଠଟିକୁ କେତେଗୁଡ଼ିଏ ଛୋଟ ଛୋଟ ଏକକରେ ପ୍ରକାଶ କରାଯାଏ ।
   (B) ଦକ୍ଷତା ଗୁଡ଼ିକୁ ସରଳରୁ ଜଟିଳ କ୍ରମାନ୍ୱୟରେ ସଜାଯାଇଥାଏ ।
   (C) ପ୍ରତ୍ୟେକ ଦକ୍ଷତା ପୂର୍ବ ଦକ୍ଷତା ଉପରେ ଆଧାରିତ
   (D) ସମସ୍ତ ଦକ୍ଷତାର ଶିକ୍ଷାଦାନ ଓ ଶିକ୍ଷଣକାର୍ଯ୍ୟ ଏକ ସଙ୍ଗେ କରାଯାଇଥାଏ ।

1. Why is there multigrade teaching situation in elementary schools ?
   (A) Want of classroom
   (B) Making teacher more active.
   (C) Less number of teachers in proportion to the number of classes.
   (D) Maintaining discipline

2. Which one of the following is the most important in learner-centered learning ?
   (A) Teacher (B) Child
   (C) Content (D) Environment

3. Which one is not related to competency-based teaching-learning ?
   (A) A lesson is divided into some smaller units.
   (B) Competencies are arranged serially from simple to complex.
   (C) Each competency is based on previous competency.
   (D) Teaching-learning of all competencies is done simultaneously.

(Continued)



Teachingninja.in

4. ପ୍ରବେଶିକା ପରୀକ୍ଷା କେଉଁ ପ୍ରକାରର ପରୀକ୍ଷଣ ?
(A) ସମାପ୍ତିସୂଚକ
(B) ନୈଦାନିକ
(C) ଗଠନାତ୍ମକ
(D) ବ୍ୟବସ୍ଥାନ

5. କେଉଁଟି ପରୀକ୍ଷଣର ଏକ ସାଧନ ନୁହେଁ ?
(A) ତନଖିତାଲିକା
(B) ନିର୍ଦ୍ଧାରଣ ମାପନୀ
(C) ପ୍ରଗତିପତ୍ର
(D) ଗୃହକାର୍ଯ୍ୟ

6. କେଉଁଟି ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ସମ୍ପର୍କିତ ନୁହେଁ ?
(A) ଶିକ୍ଷାଦାନ ଶିକ୍ଷଣକୁ ଆନନ୍ଦଦାୟକ କରିବା
(B) ନିର୍ଦ୍ଧାରିତ ସମୟରେ ବିଷୟବସ୍ତୁକୁ ସମାପ୍ତ କରିବା
(C) ଶିକ୍ଷଣପାଇଁ ଅଭିପ୍ରେରଣା ଜାଗ୍ରତ କରିବା
(D) ବାସ୍ତବ ଧାରଣା ଉପରେ ଶିକ୍ଷାଦାନ କରିବା

7. ନିରବଚ୍ଛିନ୍ନ ଓ ସଂବ୍ୟାପକ ପରୀକ୍ଷଣର ଲକ୍ଷ୍ୟ ହେଉଛି :
(A) ସାମଗ୍ରିକ ବିକାଶ
(B) ଶୈକ୍ଷିକ ବିକାଶ
(C) ଜ୍ଞାନାତ୍ମକ ବିକାଶ
(D) ଐଚ୍ଛିକ ବିକାଶ

4. What type of assessment is the entrance test ?
(A) Summative
(B) Diagnostic
(C) Formative
(D) Placement

5. Which one is not an assessment tool ?
(A) Checklist
(B) Rating scale
(C) Progress card
(D) Homework

6. The use of TLM is not associated with :
(A) To make teaching learning pleasurable.
(B) To cover the course content in time.
(C) To create motivation for learning.
(D) To teach concrete concept.

7. Continuous and comprehensive assessment mainly aims at –
(A) Holistic development
(B) Scholastic development
(C) Cognitive development
(D) Conative development



Teachingninja.in

8. ନିମ୍ନରେ ପ୍ରଦତ୍ତ କେଉଁ ଉକ୍ତିଟି ସୃଜନଶୀଳତା ସମ୍ପର୍କରେ ଠିକ୍ ନୁହେଁ ?

(A) ସୃଜନଶୀଳତା ସାର୍ବଜନୀନ

(B) ସୃଜନଶୀଳତା ମୁକ୍ତଚିନ୍ତା/ଓ ଦୁଃସାହସିକ କାର୍ଯ୍ୟ ଅଟେ

(C) ସୃଜନଶୀଳତା ଓ ମେଳାପୀ ସ୍ୱଭାବ ସକାରାତ୍ମକଭାବେ ସମ୍ପର୍କିତ

(D) ସୃଜନଶୀଳତା ଓ ବିଦ୍ୟାଳୟ ସାଫଲ୍ୟତା ପାରସ୍ପରିକ ଭାବେ ସମ୍ପର୍କିତ ନୁହଁନ୍ତି

9. ଉଭୟ ପାଠ୍ୟ ଓ ଅନ୍ୟାନ୍ୟ ସହପାଠ୍ୟ ଭିତ୍ତିକ ସଫଳତା ପରିମାପନ ନିମନ୍ତେ କେଉଁ ମୂଲ୍ୟାୟନ ପଦ୍ଧତିଟି ଫଳପ୍ରଦ ଅଟେ ?

(A) ବ୍ୟବସ୍ଥାନିକ

(B) ସଂବ୍ୟାପକ

(C) ଅଭିଯୋଗ୍ୟତା

(D) ନିଦାନାତ୍ମକ

10. ନିମ୍ନୋକ୍ତ କେଉଁଟି ଏକ ନିରନ୍ତର ପରିମାପନ ନୁହେଁ ?

(A) ଅଭିପ୍ରେରଣା

(B) ଶିକ୍ଷଣ

(C) ବିକାଶ

(D) ବୃଦ୍ଧି

8. Which of the following is not correct about creativity ?

(A) Creativity is universal.

(B) Creativity is open thinking/& adventurous.

(C) Creativity and sociability are positively correlated.

(D) Creativity and school achievement are not correlated.

9. Which method of evaluation is effective for assessment of scholastic and other co-scholastic areas ?

(A) Placement

(B) Comprehensive

(C) Aptitude

(D) Diagnostic

10. Which of the following is not a continuous assessment ?

(A) Motivation

(B) Learning

(C) Development

(D) Growth



Teachingninja.in

11. ବାନ୍ଦୁରାଙ୍କ ମତରେ ନିମ୍ନୋକ୍ତ କେଉଁଟି ପର୍ଯ୍ୟବେକ୍ଷଣ ଆଧାରିତ ଶିକ୍ଷଣର ଏକ ପ୍ରକ୍ରିୟା ନୁହେଁ ?

(A) ଆଚରଣକୁ ସଂଗଠିତ କରିବା

(B) ମନଯୋଗ ଦେବା ଓ ଆଚରଣଗତ ପ୍ରତ୍ୟକ୍ଷ ଉପଲବ୍ଧି ହାସଲ କରିବା

(C) ଆଚରଣକୁ ମନେରଖିବା

(D) ସ୍ମୃତିଶକ୍ତିକୁ କାର୍ଯ୍ୟରେ ପରିଣତ କରିବା

12. ଅନ୍ତର୍ନିବେଶୀ ଶିକ୍ଷା କେଉଁଥିରେ ବିଶ୍ୱାସ କରେ ନାହିଁ ?

(A) ପ୍ରଭେଦ/ବୈଷମ୍ୟ କୁ ଗ୍ରହଣ କରେ ଓ ବିଭିନ୍ନତାକୁ ଅଭିନନ୍ଦନ କରେ

(B) ବିଭିନ୍ନତା ଏକ ସାମାଜିକ ଦାୟିତ୍ୱ, ତାହା ଗ୍ରହଣ କର

(C) ବ୍ୟକ୍ତିଗତ ଭାବେ ଶିକ୍ଷଣ କରିବା ପ୍ରତ୍ୟେକପିଲା ପାଇଁ ଲାଭଦାୟକ

(D) ଅସମର୍ଥତା ଏକ ସାମାଜିକ ଧାରଣା, ଏହି ଧାରଣା ଭୁଲ/ଅଗ୍ରହଣୀୟ

13. UDL ର full form (ସମ୍ପୂର୍ଣ୍ଣ ଗଠନ ଟି) କ'ଣ ?

(A) Universal Demand for Learning

(B) Universal Design for Leadership

(C) Uniform Design for Learning

(D) Universal Design for Learning

11. According to Bandura, which of the following is not a process in the observational learning ?

(A) Organising the behaviour

(B) Attending to and perceiving the behaviour

(C) Remembering the behaviour

(D) Converting the memory into action

12. Inclusive education does not believe in

(A) Accept difference and celebrate diversity

(B) Diversity is a social responsibility, accept it.

(C) Learning individually is beneficial for every child.

(D) Handicap is a social construct, deconstruct handicap.

13. UDL stands for

(A) Universal Demand for Learning

(B) Universal Design for Leadership

(C) Uniform Design for Learning

(D) Universal Design for Learning



Teachingninja.in

14. ନିମ୍ନରେ ପ୍ରଦତ୍ତ କେଉଁ ଆଚରଣଗତ ଉଦାହରଣଟି ଅଭିପ୍ରେରଣାର ସର୍ବୋତ୍କୃଷ୍ଟ ଦୃଷ୍ଟାନ୍ତ ଅଟେ ?

(A) ପରେଶ, ତା'ର ଅତୀତ ଓ ବର୍ତ୍ତମାନରେ ଐତିହାସିକ ଧାରାକୁ ସମ୍ବନ୍ଧିତ କରିବାର ଦକ୍ଷତା କ୍ରମଶଃ ବୃଦ୍ଧି କରିଛି ।

(B) ପ୍ରତ୍ୟେକ ଦିନ ଶୀତାଂଶୁ ତାଙ୍କର ଇଲେକଟ୍ରିକ୍ ଗିଟାର୍ ବାଜାଇବାର ଅଭ୍ୟାସ ସମୟ 1 ଘଣ୍ଟାରୁ 2 ଘଣ୍ଟାକୁ ବୃଦ୍ଧି କରିଛନ୍ତି

(C) ରୀତା ସର୍ବଦା ପଠନରେ ଖୁବ୍ ଆଗ୍ରହ ଓ ଦକ୍ଷତା ପ୍ରଦର୍ଶନ କରିଛନ୍ତି

(D) ମନୀଷା ବହୁଦିନରୁ ଅଭିଧାନ/ଶବ୍ଦକୋଷରୁ ଅଜଣା ଶବ୍ଦରଅର୍ଥ ଜାଣିବାର ଅଭ୍ୟାସ ବିକଶିତ କରିଛନ୍ତି

15. ନିମ୍ନୋକ୍ତ ମଧ୍ୟରୁ କେଉଁ ଉକ୍ତିଟି ଶିକ୍ଷଣର ଅର୍ଥକୁ ସର୍ବୋତ୍କୃଷ୍ଟ ଭାବେ ବୁଝାଇଥାଏ ?

(A) ଜ୍ଞାନ ସଂରଚନା ହିଁ ଶିକ୍ଷଣ

(B) ତଥ୍ୟ ମନେରଖିବାର ପ୍ରକ୍ରିୟା ହିଁ ଶିକ୍ଷଣ

(C) ପରିପକ୍ୱତା ଦ୍ୱାରା ବ୍ୟବହାରର ପରିବର୍ତ୍ତନ ହିଁ ଶିକ୍ଷଣ

(D) ଶିକ୍ଷଣ ହେଉଛି ସ୍ୱୟଂକ୍ରିୟାଜନିତ ବ୍ୟବହାରର ପରିବର୍ତ୍ତନ

14. Which of the following behavioural examples best illustrates the concept of motivation ?

(A) Paresh has shown steady progress in his ability to relate past and present historical trends.

(B) Sitanshu has increased his practice time on the electric guitar from one hour to two hours per day.

(C) Rita has always shown a keen interest and capacity in the reading.

(D) Manisha long ago developed the habit of looking up unfamiliar words in the dictionary.

15. Which of the following best explains the meaning of learning ?

(A) Learning is a construction of knowledge.

(B) Learning is a memorisation of facts.

(C) Learning is a change due to maturation.

(D) Learning is a change in native tendencies.



Teachingninja.in

16. ଶିକ୍ଷାର୍ଥୀ ମାନଙ୍କ ଭିନ୍ନତାକୁ ଦୃଷ୍ଟିରେ ରଖି ଆମକୁ କେଉଁ ପ୍ରକାରର ପାଠ୍ୟକ୍ରମକୁ ଆପଣେଇବାକୁ ହେବ ?
   (A) ସ୍ପାଇରାଲ ପାଠ୍ୟକ୍ରମ
   (B) ଅନ୍ତର୍ନିବେଶୀ ପାଠ୍ୟକ୍ରମ
   (C) ସ୍ୱତନ୍ତ୍ର ପାଠ୍ୟକ୍ରମ
   (D) କୋର ପାଠ୍ୟକ୍ରମ

17. ନିମ୍ନୋକ୍ତ ମଧ୍ୟରୁ କେଉଁଟି ମେଧାବୀ ଶିକ୍ଷାର୍ଥୀ ମାନଙ୍କ ପାଇଁ ଏକ ଶିକ୍ଷା ବ୍ୟବସ୍ଥା ନୁହେଁ ?
   (A) ତ୍ୱରାନ୍ୱିତ ଶିକ୍ଷା
   (B) କ୍ଷୁଦ୍ରଦଳ ଗଠନ କରି ଶିକ୍ଷାଦାନ
   (C) ସମୃଦ୍ଧିମୂଳକ କାର୍ଯ୍ୟକ୍ରମ
   (D) ସମର୍ଥ ଦଳଗଠନ

18. କେଉଁ ଯୋଡ଼ାଟି ଶିକ୍ଷଣର ତିନି ଉପାଦାନ ସମ୍ପର୍କିତ ନୁହେଁ ?
   (A) ଆହରଣ – ମନୋନୟନ
   (B) ଆହରଣ – ଧାରଣ
   (C) ଆହରଣ – ପ୍ରୟୋଗ
   (D) ଧାରଣ – ପ୍ରୟୋଗ

19. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷଣର ସ୍ୱରୂପକୁ ଠିକ୍ ଭାବେ ଦର୍ଶାଉ ନାହିଁ ?
   (A) ଶିକ୍ଷଣ ଉଦ୍ଦେଶ୍ୟାଭିମୁଖୀ କାର୍ଯ୍ୟ
   (B) ଶିକ୍ଷଣ ହେଉଛି ସାର୍ବଜନୀନ
   (C) ଶିକ୍ଷଣ ହେଉଛି ଉପଯୋଜନ
   (D) ଶିକ୍ଷଣ ହେଉଛି ଏକ ତଥ୍ୟ ମନେରଖିବା ପ୍ରକ୍ରିୟା

16. To meet the diversity, we should have
   (A) Spiral curriculum
   (B) Inclusive curriculum
   (C) Special curriculum
   (D) Core curriculum

17. Which of the following is not an educational provision for talented learners ?
   (A) Accelerated education
   (B) Small Group Instruction
   (C) Enrichment Programme
   (D) Ability Grouping

18. Which pair is not related to the three components of learning ?
   (A) Acquisition – selection
   (B) Acquisition – retention
   (C) Acquisition – application
   (D) Retention – application

19. Which of the following statements does not reflect the nature of learning ?
   (A) Learning is purposive.
   (B) Learning is universal.
   (C) Learning is adjustment.
   (D) Learning is memorisation of facts.



Teachingninja.in

20. ପାମର୍‌ଙ୍କ ମତାନୁସାରେ ଶିଶୁଠାରେ ଆଚରଣଗତ ପରିବର୍ତ୍ତନ କାହା ସହ ଘଟିଥାଏ ?

(A) ଯୁବକାବସ୍ଥା

(B) ଶୈଶବାବସ୍ଥା

(C) ଜଳବାୟୁ

(D) ବିକାଶ ବା ପୂର୍ଣ୍ଣତା

21. ଜନ୍ମ ପୂର୍ବାବସ୍ଥା ବା ପୂର୍ବ ନାଟାଲ ପର୍ଯ୍ୟାୟର ହାରାହାରି ସମୟ ଅବଧି କେତେ ?

(A) 350 ଦିନ

(B) 320 ଦିନ

(C) 310 ଦିନ

(D) 280 ଦିନ

22. ଦୁଇ ବର୍ଷ ବୟସରୁ ଯୌବନାରମ୍ଭ ମଧ୍ୟବର୍ତ୍ତୀ ସମୟକୁ କ'ଣ କୁହାଯାଏ ?

(A) ଶୈଶବାବସ୍ଥା

(B) ବାଲ୍ୟାବସ୍ଥା ବା ପ୍ରାକ୍ କୈଶୋରାବସ୍ଥା

(C) କୈଶୋରାବସ୍ଥା

(D) ଯୁବକାବସ୍ଥା

20. According to Palmer, behaviour pattern of a child changes with ________.

(A) Adulthood

(B) Infancy

(C) Climate

(D) Maturity

21. What is the average time period of pre-natal stage ?

(A) 350 days

(B) 320 days

(C) 310 days

(D) 280 days

22. Name of the period lasts from age of two to puberty is –

(A) Infancy

(B) Childhood

(C) Adolescence

(D) Adult



Teachingninja.in

23. ମାନବୀୟ ବୃଦ୍ଧିର କେଉଁ ଅବସ୍ଥାରେ ଶାରୀରିକ ବିକାଶ ଶିଥିଳ ହୋଇଥାଏ ?
(A) ଶୈଶବାବସ୍ଥା
(B) ଆଦ୍ୟ ବାଲ୍ୟାବସ୍ଥା
(C) ପରବର୍ତ୍ତୀ ବାଲ୍ୟାବସ୍ଥା
(D) କୈଶୋରାବସ୍ଥା

24. ନିମ୍ନୋକ୍ତ କେଉଁଟି ବୃଦ୍ଧି ଓ ବିକାଶର ଏକ ବାହ୍ୟ କାରକ ଅଟେ ?
(A) ମାତୃଗର୍ଭରେ ଥିବା ପରିବେଶ
(B) ବୁଦ୍ଧିମତା
(C) ଆବେଗିକ କାରକ
(D) ଜୈବିକ କାରକ

25. ନିମ୍ନୋକ୍ତ କେଉଁଟି ବିକାଶର ଏକ ନିୟମ ନୁହେଁ ?
(A) ମସ୍ତିଷ୍କରୁ ପାଦ
(B) ପାଖରୁ ଦୂରକୁ
(C) ପୂର୍ବାନୁମାନର ନିୟମ
(D) ବିଚ୍ଛିନ୍ନତାର ନିୟମ

26. ହରଲକ୍‌ଙ୍କ ମତାନୁସାରେ ନିମ୍ନୋକ୍ତ କେଉଁଟି ପ୍ରାକ୍-କୈଶୋରାବସ୍ଥାରେ ସାମାଜିକ ବିକାଶର ଏକ ବୈଶିଷ୍ଟ୍ୟ ନୁହେଁ ?
(A) ବୟସ୍କ ମାନଙ୍କର ଅନୁମୋଦିତ ଆଚରଣ
(B) ସାମାଜିକ ମୂଲ୍ୟବୋଧ
(C) ସାଙ୍ଗସାଥୀମାନଙ୍କୁ ଖେଳଣା ବାଣ୍ଟିବା
(D) ସାମାଜିକ ଆଚରଣ

23. In which stage of human development physical development becomes slower ?
(A) Infancy
(B) Pre-childhood
(C) Later childhood
(D) Adolescence

24. Which of the following is an external factor of growth and development ?
(A) Environment in the womb of a mother.
(B) Intelligence
(C) Emotional factor
(D) Biological factor

25. Which of the following is not a principle of development ?
(A) Head to feet
(B) Near to distant
(C) Principle of predictability
(D) Principle of discontinuity

26. According to Hurlock which of the following is not a characteristic of social development during pre-adolescence ?
(A) Elders' recommended behaviour
(B) Social values
(C) Distribute toys among peers
(D) Social behaviour



Teachingninja.in

27. ବୌଦ୍ଧିକ ବିକାଶର ପ୍ରଥମ ପର୍ଯ୍ୟାୟକୁ କ'ଣ କୁହାଯାଏ ?
   (A) ସମ୍ବେଦୀକାରକ ପର୍ଯ୍ୟାୟ
   (B) ପ୍ରାକ୍ ସଂକାର୍ଯ୍ୟଧର୍ମୀ ପର୍ଯ୍ୟାୟ
   (C) ସ୍ଥୁଳ ସଂକାର୍ଯ୍ୟଧର୍ମୀ ପର୍ଯ୍ୟାୟ
   (D) ଯଥାଯଥ ସଂକାର୍ଯ୍ୟଧର୍ମୀ ପର୍ଯ୍ୟାୟ

28. କେଉଁଟି କାର୍ଯ୍ୟମାଧ୍ୟମ ଶିକ୍ଷଣ ପଦ୍ଧତି ଅନ୍ତର୍ଭୁକ୍ତ ?
   (A) ଆଲୋଚନା ପଦ୍ଧତି
   (B) ପ୍ରକଳ୍ପ ପଦ୍ଧତି
   (C) ଅଭ୍ୟାସ ପଦ୍ଧତି
   (D) ବର୍ଣ୍ଣନା ପଦ୍ଧତି

29. ମଣିଷର ଭ୍ରୁଣରେ କେତେ ଯୋଡ଼ା କ୍ରୋମୋଜୋମ୍ ବା ଗୁଣସୂତ୍ର ଦେଖିବାକୁ ମିଳିଥାଏ ?
   (A) 20 ଯୋଡ଼ା
   (B) 22 ଯୋଡ଼ା
   (C) 23 ଯୋଡ଼ା
   (D) 24 ଯୋଡ଼ା

30. ଅଧିକାଂଶ ମନୁଷ୍ୟଙ୍କ ପାଖରେ ଦେଖାଯାଉଥିବା ବୌଦ୍ଧିକ ବା ବୁଦ୍ଧ୍ୟାଙ୍କ ପରିସର କେତେ ?
   (A) 80 ରୁ 100 ବୁଦ୍ଧ୍ୟାଙ୍କ
   (B) 90 ରୁ 110 ବୁଦ୍ଧ୍ୟାଙ୍କ
   (C) 100 ରୁ 120 ବୁଦ୍ଧ୍ୟାଙ୍କ
   (D) 70 ରୁ 100 ବୁଦ୍ଧ୍ୟାଙ୍କ

27. What is the first stage of cognitive development ?
   (A) Sensory motor stage
   (B) Pre-operational stage
   (C) Concrete operational stage
   (D) Formal operational stage

28. Which one comes under activity-based approach ?
   (A) Discussion Method
   (B) Project Method
   (C) Practice Method
   (D) Narration Method

29. In human zygote how many pairs of chromosomes are found ?
   (A) 20 pairs
   (B) 22 pairs
   (C) 23 pairs
   (D) 24 pairs

30. What is the normal intelligence range that most people possess ?
   (A) 80 to 100 IQ
   (B) 90 to 110 IQ
   (C) 100 to 120 IQ
   (D) 70 to 100 IQ



Teachingninja.in

31. ତାଳା ମଧ୍ୟରେ ଅବ୍ୟୟ ରୂପେ ସ୍ୱତନ୍ତ୍ର ଭାବରେ କେଉଁ ଉପସର୍ଗଟି ବ୍ୟବହୃତ ହୋଇପାରେ ନାହିଁ ?
   (A) ପ୍ରତି (B) ଅତି
   (C) ଅଭି (D) ପରି

32. ସଂଯୋଜକ ଅବ୍ୟୟ ପଦଟିକୁ ଚିହ୍ନାଅ ।
   (A) ସର୍ବଦା (B) ସିନା
   (C) ପରା (D) ଏବଂ

33. କେଉଁଟି ବିଶେଷ୍ୟ ପଦ ନୁହେଁ ?
   (A) ସରଳ (B) ଦୟା
   (C) ବଦାଣ (D) ଗମନ

34. କେଉଁ ଶବ୍ଦଟି 'ଯ' ପ୍ରତ୍ୟୟ ଯୋଗରେ ଗଠିତ ?
   (A) ଭୟ (B) ଦେୟ
   (C) ଲୟ (D) କ୍ଷୟ

35. ନିମ୍ନୋକ୍ତ ମଧ୍ୟରୁ କେଉଁ ଶବ୍ଦଟି ତଦ୍ଧିତ ପ୍ରତ୍ୟୟଦ୍ୱାରା ଗଠିତ ହୋଇନାହିଁ ?
   (A) ଆର୍ଜବ (B) ଆଳସ୍ୟ
   (C) ଶିକ୍ଷିତ (D) ପ୍ରାଚ୍ୟ

36. 'ଗହମ ଗୋଟି ଗଣିତା' ______ ଏହି ରୂଢ଼ିର ଅର୍ଥ କ'ଣ ?
   (A) ନିବିଡ଼ ସଂପର୍କ
   (B) ବୃଥା ପରିଶ୍ରମ
   (C) ସାମାନ୍ୟ ଲାଭପାଇଁ କଠିନ ପରିଶ୍ରମ
   (D) ନିତାନ୍ତ କମ୍ ଖର୍ଚ୍ଚ

37. 'ରତ' ଶବ୍ଦର ବିପରୀତାର୍ଥ ବୋଧକ ଶବ୍ଦଟିକୁ ଚିହ୍ନାଅ ।
   (A) ଅନୃତ (B) ସୁନୃତ
   (C) ଅରତ (D) ସତ୍ୟ

38. 'ମଘଲୋକ ମଘ ପରିବେଶରୁ ଫାଇଦା ଉଠାଇବା' ଅର୍ଥ ପ୍ରକାଶକ ରୂଢ଼ିଟିକୁ ବାଛ ।
   (A) କଙ୍କଡ଼ାକୁ ଗୋଳିପାଣି ସୁହାଇବା
   (B) ଧୂଆମୂଳା ଅଧୂଆ ମୂଳା ସମାନ
   (C) ମାଛ ତେଲରେ ମାଛ ଭାଜିବା
   (D) କେଉଣ୍ଡି ଗୁଛି ବାଳିଆ ଧରିବା

39. କେଉଁଟି 'ସୂର୍ଯ୍ୟ' ଶବ୍ଦର ପ୍ରତିଶବ୍ଦ ନୁହେଁ ?
   (A) ଭାସ୍କର (B) ବିଭାବସୁ
   (C) ବିକର୍ତ୍ତନ (D) ମିହିର

40. ସବୁଟି ମିଛ ହରି ନାମଟି ସତ । ______ ଏହି ବାକ୍ୟର ରେଖାଙ୍କିତ ପଦଟି କେଉଁ ପ୍ରକାର ସର୍ବନାମ ?
   (A) ଆପେକ୍ଷିକ (B) ନିର୍ଦ୍ଦେଶାତ୍ମକ
   (C) ନିର୍ଣ୍ଣାୟକ (D) ପ୍ରଶ୍ନବାଚକ

41. ବିଦ୍ୟାଳୟ ଆସିବା ପୂର୍ବରୁ ଶିଶୁ କେଉଁ ପ୍ରକାର ଭାଷାଜ୍ଞାନ ହାସଲ କରିଥାଏ ?
   (A) ଶ୍ରବଣ ଓ ପଠନ
   (B) କଥନ ଓ ଲିଖନ
   (C) ଲିଖନ ଓ ପଠନ
   (D) ଶ୍ରବଣ ଓ କଥନ

42. କେଉଁଟି ବ୍ୟାପକ ପଠନର ଉଦାହରଣ ?
   (A) କେବଳ ପାଠ୍ୟପୁସ୍ତକର ବିଷୟଗୁଡ଼ିକୁ ପଢ଼ିବା
   (B) ପାଠ୍ୟ ପୁସ୍ତକ ପଠନ ସହିତ ଶବ୍ଦାନୁଶୀଳନ କରିବା
   (C) ପାଠ୍ୟପୁସ୍ତକରୁ ବ୍ୟାବହାରିକ ବ୍ୟାକରଣ ସଂବଂଧରେ ଅବଗତ ହେବା
   (D) ପାଠ୍ୟ ପୁସ୍ତକ ସହିତ ବିଭିନ୍ନ ପୁସ୍ତକ ପଠନ କରିବା



Teachingninja.in

43. ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷଣର କେଉଁଟି ଲକ୍ଷ୍ୟନୁହେଁ ?

(A) ଯୌକ୍ତିକତାର ବିକାଶ ସାଧନ

(B) ଶ୍ରବଣ, କଥନ, ପଠନ ଓ ଲିଖନ ଶକ୍ତିର ଅଭିବୃଦ୍ଧି କରାଇବା

(C) ଭାବ ଗ୍ରହଣ ଓ ଭାବ ପ୍ରକାଶ ଶକ୍ତିର ବୃଦ୍ଧି କରିବା

(D) ମାନବୀୟ ଗୁଣ ଗୁଡ଼ିକର ବିକାଶ କରାଇବା

44. ଶବ୍ଦାର୍ଥ ଖେଳ କରାଇବାଦ୍ୱାରା ପିଲାମାନଙ୍କର କେଉଁ ଦକ୍ଷତାର ଅଭିବୃଦ୍ଧି ଘଟିଥାଏ ?

(A) ଧାରଣାର ବୋଧଗମ୍ୟତା

(B) ବ୍ୟାବହାରିକ ବ୍ୟାକରଣ

(C) ସ୍ୱଶିକ୍ଷଣ ଦକ୍ଷତା

(D) ଭାଷା ବ୍ୟବହାର କରିବାର ଦକ୍ଷତା

45. କେଉଁଟି ବର୍ଣ୍ଣାଶୁଦ୍ଧି ନିରାକରଣର ଉପାୟ ନୁହେଁ ?

(A) ଶ୍ରୁତ ଲିଖନ

(B) ଦୃଷ୍ଟଲିଖନ

(C) ଦ୍ରୁତ ପଠନ

(D) ଅଭିଧାନର ବ୍ୟବହାର

46. ଲେଖାମଧ୍ୟରେ କୌଣସି ଶବ୍ଦର ଅର୍ଥ ଅଧିକ ସ୍ପଷ୍ଟକରିବାର ସୂଚନା ଦେବାକୁ ହେଲେ କେଉଁ ଚିହ୍ନ ଦିଆଯାଏ ?

(A) ଉଦ୍ଧୃତି ( " " )

(B) ଡ୍ୟାସ୍ ( – )

(C) କମା ( , )

(D) ବନ୍ଧନୀ ( ( ) )

47. ବହୁଭାଷୀ ସମସ୍ୟା ଦୂର କରିବାପାଇଁ କେଉଁ ପଦକ୍ଷେପ ଗ୍ରହଣୀୟ ନୁହେଁ ?

(A) ପିଲାର ଘରର ଭାଷାକୁ ଉପେକ୍ଷା

(B) ଦ୍ୱିଭାଷୀୟ ପାଠ୍ୟପୁସ୍ତକ ପ୍ରସ୍ତୁତି

(C) ଆଞ୍ଚଳିକତା ଉପରେ ଗୁରୁତ୍ୱ

(D) ଆଞ୍ଚଳିକ ଉପକରଣ ଉପରେ ଗୁରୁତ୍ୱ

48. ଗୋଟିଏ ଶବ୍ଦ, ପଦ ବା ବାକ୍ୟ ବ୍ୟବହାରର ଉଦାହରଣ ଦେଇ ଠିକ୍ ସେହିପରି ନୂତନ ଶବ୍ଦ, ପଦ ବା ବାକ୍ୟର ବ୍ୟବହାର କରିବାକୁ କୁହାଯାଇଥିବା ପ୍ରଶ୍ନ କେଉଁ ପ୍ରକାର ପ୍ରଶ୍ନ ?

(A) ବର୍ଗୀକରଣ ମୂଳକ

(B) ଦୃଷ୍ଟାନ୍ତ ମୂଳକ

(C) ପୁନଃ ସଜ୍ଜୀକରଣ ମୂଳକ

(D) ସତ୍ୟାସତ୍ୟ

49. କେଉଁଟି ମୂଲ୍ୟାୟନର ଉଦ୍ଦେଶ୍ୟ ନୁହେଁ ?

(A) ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ନିର୍ଣ୍ଣୟ କରିବା

(B) ଶିକ୍ଷାର୍ଥୀ ମାନଙ୍କର ବୋଧଗମ୍ୟତା ଓ ଅଗ୍ରଗତିର ମୂଲ୍ୟ ନିର୍ଦ୍ଧାରଣ କରିବା

(C) ଭାବର ଆଦାନ ପ୍ରଦାନ କ୍ଷମତାବୃଦ୍ଧି ଆକଳନ ନ କରିବା

(D) ଶିକ୍ଷାର୍ଥୀମାନେ କ'ଣ ଶିଖିଲେ ତାହା ନିର୍ଣ୍ଣୟ କରିବା

50. କେଉଁଟି ଉତ୍ତମ ହସ୍ତାକ୍ଷର ଲିଖନର ଲକ୍ଷଣ ନୁହେଁ ?

(A) ଶବ୍ଦ ଶବ୍ଦ ମଧ୍ୟରେ ଉଚିତ ବ୍ୟବଧାନ ରଖିବା

(B) ଅକ୍ଷରଗୁଡ଼ିକୁ ନିର୍ଭୁଲ କରି ଲେଖିବା

(C) ଧାଡ଼ି ଗୁଡ଼ିକୁ ସିଧାକରି ଲେଖିବା

(D) ବିରାମ ଚିହ୍ନର ବ୍ୟବହାର କରିବା



Teachingninja.in

ନିର୍ଦ୍ଦେଶ : ପ୍ରଦତ୍ତ ଅନୁଚ୍ଛେଦଟିକୁ ପଢ଼ି ନଂ 51 ରୁ ନଂ. 55 ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ବାଛ ।

ଆଜି ଭାରତବର୍ଷର ଜାତୀୟ ସଂହତି ଘୋର ବିପଦର ସମ୍ମୁଖୀନ ହୋଇଛି । କାରଣ ବିଛିନ୍ନତାବାଦୀ, ସଂତ୍ରାସବାଦୀ ଓ ସାମ୍ପ୍ରଦାୟିକ ଶକ୍ତି ମାନଙ୍କ ସହିତ ଭାଷାଗତ ଅନ୍ଧବିଶ୍ୱାସୀମାନେ ଅନେକ ସମୟରେ ଆହ୍ୱାନ ସୃଷ୍ଟି କରୁଛନ୍ତି । ଏଣୁ ବର୍ତ୍ତମାନ ସବୁଠାରୁ ବେଶୀ ଆବଶ୍ୟକ ହେଉଛି ସହନଶୀଳତା ତଥା ସମନ୍ୱୟ ରକ୍ଷା ଚିନ୍ତାଧାରାକୁ ପୁନର୍ଜୀବିତ କରିବା ଯାହା ଭାରତୀୟ ଜୀବନଧାରାର ମୂଳ ମନ୍ତ୍ର ଏବଂ ଯାହା ସାଂସ୍କୃତିକ ପରମ୍ପରାକୁ ଅକ୍ଷୁଣ୍ଣ ରଖି ପାରିଛି । ଏହା ମଧ୍ୟ ମନେ ରଖିବା ଉଚିତ ଯେ ଭାରତ ସର୍ବଦା ବିବିଧ ଆଚରଣ ପରମ୍ପରାକୁ ଅନୁମୋଦନ କରୁଥିବା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଗୋଷ୍ଠୀମାନଙ୍କ ବାସସ୍ଥାନ ହୋଇ ରହି ଆସିଛି । ତେଣୁ ଜାତୀୟ ଏକତା ଅଭିନ୍ନତା ଉପରେ ପ୍ରତିଷ୍ଠିତ ନ ହୋଇ ବରଂ ସାଂସ୍କୃତିକ ବିଭିନ୍ନତାର ଭିତ୍ତିପ୍ରସ୍ତର ଉପରେ ସୁଦୃଢ଼ ହେବା ବାଞ୍ଛନୀୟ । ଅନ୍ୟ ଦେଶମାନଙ୍କ ଭଳି ଭାରତରେ ଅଭିନ୍ନ ଏକତ୍ୱ ନୁହେଁ, ବରଂ ରଚନାତ୍ମକ ଐକ୍ୟ ପ୍ରତିଷ୍ଠା କରାଯିବା ଜରୁରୀ । ଆହୁରିମଧ୍ୟ ଏହା ଜୀବନଧାରା ସହିତ ଅଙ୍ଗାଙ୍ଗି ଭାବେ ସଂପୃକ୍ତ ହେବା ଉଚିତ କାରଣ ନିର୍ଜୀବ ସମାନତା ଏବଂ ସଂପୂର୍ଣ୍ଣ କେନ୍ଦ୍ରୀକରଣ ଯୋଗୁ ରୋମ ସାମ୍ରାଜ୍ୟ ଭୁଶୁଡ଼ି ପଡିଥିଲା । ମାନବ ଜାତିର ପ୍ରଗତି ପଥକୁ ଏହି ନୀତି ସଂପୂର୍ଣ୍ଣ ଦୁର୍ବଳ କରି ଦେଇଥାଏ । ଏ ଦେଶ ବିଭିନ୍ନ ରାଜ୍ୟର ଏକ ସଂଘ ହେବା ସହିତ ବିବିଧ ସଂସ୍କୃତିର ଏକ ମିଳନ କ୍ଷେତ୍ର ହେବା ଆବଶ୍ୟକ । ଏହାଦ୍ୱାରା ପ୍ରଶାସନିକ କିମ୍ବା ରାଜନୈତିକ ଏକତା ସହିତ ଚିରାଚରିତ ସାଂସ୍କୃତିକ ବିଭିନ୍ନତା ମଧ୍ୟରେ ଭାରସାମ୍ୟ ରକ୍ଷା କରାଯାଇ ପାରିବ ।

51. ବିଛିନ୍ନତାବାଦୀ, ସଂତ୍ରାସବାଦୀ ଓ ସାଂପ୍ରଦାୟିକ ଶକ୍ତିମାନଙ୍କ ଯୋଗୁ କ'ଣ ଘଟୁଛି ?

(A) ଦେଶରେ ଅରାଜକତା ବ୍ୟାପିଛି ।

(B) ଧନ ଜୀବନର ହାନି ହେଉଛି ।

(C) ଜାତୀୟ ସଂହତି କ୍ଷେତ୍ରରେ ଆହ୍ୱାନ ସୃଷ୍ଟି ହେଉଛି ।

(D) ଦେଶର ବିକାଶ ବାଧାପ୍ରାପ୍ତ ହେଉଛି ।

52. ଭାରତୀୟ ଜୀବନଧାରାର ମୂଳମନ୍ତ୍ର କ'ଣ ?

(A) ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା

(B) ଈଶ୍ୱର ବିଶ୍ୱାସ

(C) ସରଳ ଜୀବନ ଓ ଉଚ୍ଚ ଚିନ୍ତନ

(D) ସହନଶୀଳତା ତଥା ସମନ୍ୱୟରକ୍ଷା ଚିନ୍ତାଧାରା

53. ଭାରତରେ ଜାତୀୟ ଏକତା କାହା ଉପରେ ପ୍ରତିଷ୍ଠିତ ?

(A) ସାଂସ୍କୃତିକ ବିଭିନ୍ନତାର ଭିତ୍ତି

(B) ଅଭିନ୍ନତା

(C) ସମାନ ବିଚାରଧାରା

(D) ଧର୍ମୀୟ ଭାବନା

54. ଭାରତୀୟ ଜୀବନଧାରା ସହିତ କ'ଣ ଅଙ୍ଗାଙ୍ଗିଭାବେ ସଂପୃକ୍ତ ହେବା ଉଚିତ ?

(A) ନିର୍ଜୀବ ସମାନତା

(B) ରଚନାତ୍ମକ ଐକ୍ୟ

(C) ସଂପୂର୍ଣ୍ଣ କେନ୍ଦ୍ରୀକରଣ

(D) ଜାତୀୟ ଭାବନା



Teachingninja.in

55. ମାନବ ଜାତିର ପ୍ରଗତିପଥକୁ କେଉଁ ନୀତି ସଂପୂର୍ଣ୍ଣ ଦୁର୍ବଳ କରି ଦେଇଥାଏ ?

(A) ନିର୍ଜୀବ ସମାନତା ଏବଂ ସଂପୂର୍ଣ୍ଣ କେନ୍ଦ୍ରୀକରଣ ନୀତି

(B) ବିସ୍ତାରବାଦୀ ନୀତି

(C) ସଂତ୍ରାସବାଦୀ ନୀତି

(D) ଉପନିବେଶବାଦୀ ନୀତି

**ନିର୍ଦ୍ଦେଶ :** ନିମ୍ନ ପ୍ରଦତ୍ତ କବିତାଟି ପଢ଼ି ନଂ. 56 ରୁ ନଂ. 60 ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ବାଛ ।

ବଳଥାଉଁ କେହି ନିଶ୍ଚୟ ମଉନ
ଥାଇ ନ କରନ୍ତି ଜୀବନ ନିଉନ ।
ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।
ମେଲିଥିଲେ ପାଟି ଶୋଇ ବୃକ୍ଷତଳେ,
ବୃକ୍ଷଚ୍ୟୁତ ଫଳ ନ ପଡ଼େ କବଳେ ।
ଗଜ, ସିଂହ, ବ୍ୟାଘ୍ର ଦେହେ ଅଛି ବଳ,
ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ ।
କୌଶଳ ଜନକ ଜ୍ଞାନ ଅଟେ ସିନା,
ଜନମି ନପାରେ ଜ୍ଞାନ ଭାଷା ବିନା ।
ଭାଷାଯୋଗୁଁ ସିନା ଦମି ଜୀବଗଣ,
ମାନବ କରଇ ବିଶ୍ୱେ ରାଜ ପଣ ।
ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?
ଉଚ୍ଚଭାଷୀ ଲୋକେ ତାକୁ ନୀଚ ଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।
ଯେ ନର ନବୁଝେ ମାନ ଅପମାନ,
ନୁହଁଇ କି ସେହୁ ପଶୁର ସମାନ ?

56. କେଉଁମାନେ ମୌନରହି ଜୀବନକୁ ନ୍ୟୂନ କରନ୍ତି ନାହିଁ ?

(A) ବୁଦ୍ଧିମାନ୍ ବ୍ୟକ୍ତି

(B) ବଳଶାଳୀ ବ୍ୟକ୍ତି

(C) ଉଦ୍ୟମୀ ବ୍ୟକ୍ତି

(D) ଶିକ୍ଷିତ ବ୍ୟକ୍ତି

57. ଗଜ, ସିଂହ ଓ ବ୍ୟାଘ୍ର ଭଳି ଶକ୍ତିଶାଳୀ ପ୍ରାଣୀଙ୍କୁ ମଣିଷ କିପରି ବାନ୍ଧିପାରେ ?

(A) ସାହସଦ୍ୱାରା

(B) କଠିନ ପରିଶ୍ରମ ଦ୍ୱାରା

(C) କୌଶଳ ଦ୍ୱାରା

(D) ବୁଦ୍ଧିଦ୍ୱାରା

58. ଜ୍ଞାନର ଜନନୀ କିଏ ?

(A) ଶିକ୍ଷା (B) ପରିଶ୍ରମ

(C) ସାଧନା (D) ଭାଷା

59. କାହାଦ୍ୱାରା ମଣିଷ ଅନ୍ୟଜୀବଙ୍କୁ ଦମନକରି ବିଶ୍ୱରେ ରାଜତ୍ୱ କରୁଛି ?

(A) ଭାଷା (B) ଜ୍ଞାନ

(C) ବୁଦ୍ଧି (D) କୌଶଳ

60. କେଉଁମାନେ ପଶୁ ସହିତ ସମାନ ?

(A) ଶିକ୍ଷାଳାଭରୁ ବଞ୍ଚିତ ବ୍ୟକ୍ତି

(B) ମାନ ଅପମାନ ମଧ୍ୟରେ ପାର୍ଥକ୍ୟ ଦେଖୁନଥିବା ବ୍ୟକ୍ତି

(C) ବଣ ଜଙ୍ଗଲରେ ଯେଉଁମାନେ ବାସ କରୁଛନ୍ତି

(D) ଅଳସୁଆ ବ୍ୟକ୍ତି



Teachingninja.in

SET : B

# ENGLISH

61. The man bumped into the pretty young lady not _________ accident, but _________ purpose. The prepositions to be used in the above sentence respectively are :
(A) by, with
(B) on, by
(C) by, on
(D) in, on

62. Which of the following is grammatically acceptable ?
(A) The commandos entered the enemy territory after midnight stealthily.
(B) The commandos entered the enemy territory stealthily after mid-night.
(C) The commandos entered stealthily the enemy territory after midnight.
(D) The commandos entered after midnight stealthily the enemy territory.

63. Which of the following is suitable for conducting Formative Assessment in scholastic domain ?
(A) Multiple Choice Questions
(B) Oral Questions
(C) Conversation Skills
(D) Projects

64. What type of evaluation identifies learning deficiencies of the learners ?
(A) Summative
(B) Diagnostic
(C) Continuous
(D) Placement

65. Listening and speaking are known as _________.
(A) Primitive skills
(B) Modern skills
(C) Primary skills
(D) Advanced skills

66. Apart from the four basic language skills what are the other skills of language ?
(A) Learning and memorizing
(B) Creativity and imagination
(C) Grammar and principles
(D) Thinking and reasoning

67. We _________ New Delhi by this time tomorrow. (Fill in the blank)
(A) will reach
(B) will be reaching
(C) will have reached
(D) would have reached

68. The post-modifier in the noun phrase of the following sentence is _________.
"The man next door is a very fine gentleman".
(A) next door
(B) The
(C) very
(D) fine

69. In the system of language teaching and learning the system of constructing words is called _________.
(A) Semantics
(B) Morphology
(C) Syntax
(D) Phonetics

70. In the context of English, 'Speaking Skill' is the ability to speak English _________.
(A) intelligibly
(B) confidently
(C) courageously
(D) with an English accent



Teachingninja.in

Read the following passage and answer the questions : (Q. 71 to 75)

Over the years, excavations of Pompeii and Herculaneum have revealed a great deal about the behaviour of the volcano, Vesuvius, eruption of which wreaked havoc on these cities in 79 A.D. By analysing data, scientists have concluded that the eruption changed large portions of the area's geography. It turned the Samo River from its course and raised the level of the beach along the Bay of Naples. Meteorologists studying these events have also concluded that Vesuvius caused a huge tidal wave that affected the world's climate. In addition to these, archaeologists have studied the skeletons of the victims and have drawn conclusions about the diet and life-styles of the residents.

71. The impact of the volcanic eruption was ________.
(A) local
(B) global
(C) regional
(D) both local and global

72. Which of the following statements is not related to the passage :
(A) The volcanic eruption elevate a sea beach.
(B) It completely destroyed Pompeii and Herculaneum
(C) It changed the course of a river.
(D) It affected the global climate.

73. Pompeii and Herculaneum are ________ cities.
(A) Greek
(B) French
(C) Italian
(D) Spanish

74. The expression, "wreaked havoc", as used in the passage means : ________.
(A) caused changes
(B) caused great destruction
(C) caused untold misery
(D) caused a destructive tidal wave

75. Which of the following was not a direct consequence of the volcanic eruption ?
(A) It caused the death of the residents.
(B) It changed the course of River Samo.
(C) It had impact on the world's climate.
(D) It raised the level of the sea-beach along the Bay of Naples.

76. Which one of the following sentences is correctly punctuated ?
(A) To be frank; we don't care for our nation, do we !
(B) To be frank, we don't care for our nation, do we ?
(C) To be frank, we don't care for our nation ! do we ?
(D) To be frank; we don't care for our nation; do we ?



Teachingninja.in

77. When I met Manav, he ________ for ten years.
(A) married
(B) was married
(C) had been married
(D) would have been married

78. The youngman was wearing a ______, ______, ________ jacket.
(A) black, leather, tight
(B) tight, leather, black
(C) black, tight, leather
(D) tight, black, leather

79. According to ________ U.S. embassy official, ________ U.S.A. wants peace in ________ Middle East.
(A) a, the, the
(B) the, the, the
(C) an, the, the
(D) a, the, a

80. Which of the following is an important stage in the writing process ?
(A) Memorization
(B) Editing
(C) Calligraphy
(D) Comprehension

81. What is the fundamental objective of teaching poetry ?
(A) to utilize new techniques of teaching.
(B) to entertain the students.
(C) to give students a chance to express their emotions and enjoy them.
(D) to break the monotony of routine bound life.

82. Which of the following statements is not true :
(A) Development is a qualitative process.
(B) Growth is a biological process.
(C) Education is a goal-oriented process.
(D) Learning is a process of behavioural changes.

83. As humans grow older, the ________ of learning declines. The most appropriate word to be used in the blank is :
(A) power
(B) quantity
(C) speed
(D) quality

84. We ________ living in Puri ________ 25 years now.
The best pair to be used respectively in the blanks is :
(A) are, for
(B) are, since
(C) have been, since
(D) have been, for

85. The common order of arrangement of adverbs of Time, Place, Manner is :
(A) Place, Manner, Time
(B) Manner, Time, Place
(C) Manner, Place, Time
(D) Time, Manner, Place



Teachingninja.in

Read the following passage and indicate the options that offer the most appropriate answers to the questions that follow (Q. **86** to **90**) :

Many years ago, when the art of stunting plants was quite unheard of except in remote areas of India, Buddhist monks in isolated monasteries in Tibet stunted trees like the oak, orange tree, peepal tree, watching with excitement, the tree still flowering and bearing fruit regardless of this "deformity". Subsequently the art was learnt by some Chinese monks who taught "Bonsai" making, an art which became most sought after in China. While China and India claimed rights to the art and its practice, Japan soon followed, enamoured by its beauty. Today Japan leads in Bonsai making of plants and has derived new methodologies to make the plants look artistic. The bonsai remains full grown for even more than ten years although it needs constant pruning, watering shaping and conducive environment.

**86.** The earliest practitioners of the art of stunting plants belonged to ________.

(A) India and Tibet

(B) China and Japan

(C) India and China

(D) India, China and Japan

**87.** In the passage the expressions, "unheard of" and "sought after" are ________.

(A) noun phrases

(B) adjective phrases

(C) adverb phrases

(D) phrasal verbs

**88.** "Stunting plants" means ________.

(A) making plants grow luxuriantly

(B) arresting the growth of plants

(C) cutting them down

(D) pruning them down

**89.** Which of the following statements do not follow from the passage ?

(A) The art of stunting plants is much in demand in China.

(B) Bonsai plants remain full grown for over a decade.

(C) Buddhist monks borrowed the art of stunting plants from India.

(D) India and China claimed credit for developing the art of stunting plants.

**90.** In the passage, the word, 'enamoured' means : ________.

(A) amazed

(B) surprised


(C) amused

(D) fascinated




Teachingninja.in

91. ନିମ୍ନ ଚିତ୍ରରେ CD ଓ BD ଯଥାକ୍ରମେ ∠ACB ଓ ∠ABE ର ସମଦ୍ୱିଖଣ୍ଡକ ଅଟନ୍ତି, ଯଦି ∠BDC = 28° ହୁଏ, ∠ABC + ∠ACB କେତେ ହେବ ?





(A) 28°
(B) 56°
(C) 84°
(D) 124°

92. ନିମ୍ନ ଚିତ୍ରରେ O ବୃତ୍ତର କେନ୍ଦ୍ର । ∠SPQ = 45° ଓ ∠TOP = 140° ହେଲେ, ∠TRQ କେତେ ହେବ ?





(A) 25°
(B) 35°
(C) 45°
(D) 70°

91. In the given figure, CD and BD are bisectors of ∠ACB and ∠ABE respectively. If ∠BDC = 28°, then the value of ∠ABC + ∠ACB is –




(A) 28°
(B) 56°
(C) 84°
(D) 124°

92. In the given figure, O is the centre of the circle. If ∠SPQ = 45° and ∠TOP = 140°, find ∠TRQ.




(A) 25°
(B) 35°
(C) 45°
(D) 70°

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

93. ଗୋଟିଏ ସୁଷମ ବହୁଭୁଜର ଅନ୍ତଃସ୍ଥ ଓ ବହିଃସ୍ଥ କୋଣ ମଧ୍ୟରେ ପାର୍ଥକ୍ୟ 60° ହେଲେ, ବହୁଭୁଜର ବାହୁ ସଂଖ୍ୟା କେତେ ?

(A) 5 (B) 6
(C) 7 (D) 8

94. ଦୁଇଜଣ ପୁରୁଷ ଓ ଜଣେ ସ୍ତ୍ରୀ ଗୋଟିଏ କାମକୁ 5 ଦିନରେ କରନ୍ତି । ଜଣେ ପୁରୁଷ ଓ 2 ଜଣ ସ୍ତ୍ରୀ ସେହି କାମକୁ 6 ଦିନରେ କରନ୍ତି । ଯଦି ଜଣେ ପୁରୁଷ ସପ୍ତାହକୁ ₹ 2,800 ହିସାବରେ ମଜୁରୀ ପାଆନ୍ତି, ତେବେ ଜଣେ ସ୍ତ୍ରୀର ମଜୁରୀ ସପ୍ତାହକୁ କେତେ ହେବ ?

(A) ₹ 1,000
(B) ₹ 1,200
(C) ₹ 1,600
(D) ₹ 1,800

95. ଯଦି y ର $x$%, z ର 1% ସହ ସମାନ, z ର y%, $x$ ର 1% ସହ ସମାନ ଏବଂ $x$ ର z%, y ର 1% ସହ ସମାନ ହୁଏ, ତେବେ $xy + yz + zx$ ର ମାନ କେତେ ହେବ ?

(A) 1
(B) 2
(C) 3
(D) 0

93. The difference between the interior and exterior angles of a regular polygon is 60°. How many sides are there in that polygon ?

(A) 5 (B) 6
(C) 7 (D) 8

94. Two men and a woman can do a piece of work in 5 days. While a man and 2 women can do it in 6 days. If a man is paid at the rate of ₹ 2,800 a week, what should be the wages of a woman in a week ?

(A) ₹ 1,000
(B) ₹ 1,200
(C) ₹ 1,600
(D) ₹ 1,800

95. If $x$% of y is equal to 1% of z, y% of z is equal to 1% of $x$ and z% of $x$ is equal to 1% of y, then what will be the value of $xy + yz + zx$ ?


(A) 1
(B) 2
(C) 3
(D) 0

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

**96.** ନିମ୍ନ ଲେଖଚିତ୍ରରୁ 40 – 50ର ରାଶିକୃତ ବାରମ୍ବାରତା ନିର୍ଣ୍ଣୟ କର ।




(A) 40

(B) 70

(C) 110

(D) 120

**97.** ଗୋଟିଏ ଆୟତଘନର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଯଥାକ୍ରମେ 18 ସେମି, 14 ସେମି ଓ 16 ସେମି । ଏଥିରୁ 4 ସେମି ଦୈର୍ଘ୍ୟ ବାହୁ ବିଶିଷ୍ଟ କେତୋଟି ସମଘନ କଟାଯାଇ ପାରିବ ?


(A) 58

(B) 63

(C) 42

(D) 48

**96.** In the given graph, find the cumulative frequency of the interval 40 – 50.




(A) 40

(B) 70

(C) 110

(D) 120

**97.** The length, breadth & height of a cuboid are 18 cm, 14 cm and 16 cm respectively. How many cubes having sides 4 cm each can be cut of this cuboid ?

(A) 58

(B) 63

(C) 42

(D) 48

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

98. "ପ୍ରତ୍ୟେକ ମୌଳିକ ସଂଖ୍ୟାର ଦୁଇଟି ଗୁଣନୀୟକ ଅଛି" । ଏହାକୁ ପ୍ରମାଣ କରିବା ପାଇଁ ପ୍ରାଥମିକ ସ୍ତରରେ କେଉଁ ପଦ୍ଧତି ଅବଲମ୍ବନ କରାଯିବ ?

(A) ଆରୋହ

(B) ଅବରୋହ

(C) ବିଶ୍ଳେଷଣ

(D) ସଂଶ୍ଳେଷଣ

99. ଗୋଟିଏ ବର୍ଗକ୍ଷେତ୍ରର କର୍ଣ୍ଣଦ୍ୱୟର ସମଷ୍ଟି 100 ସେମି ହେଲେ, ଏହାର କ୍ଷେତ୍ରଫଳ କେତେ ହେବ ?

(A) 5000 ବର୍ଗ ସେମି

(B) 125 ବର୍ଗ ସେମି

(C) $100\sqrt{2}$ ବର୍ଗ ସେମି

(D) 1250 ବର୍ଗ ସେମି

100. 7, 26, 63, 124, 215, 342, ★

ଏହି ଅନୁକ୍ରମରେ ★ ସ୍ଥାନରେ କେଉଁ ସଂଖ୍ୟାଟି ରହିବ ?

(A) 541

(B) 415

(C) 511

(D) 521

98. "Each prime number has two factors." What method should be followed to prove it at the primary level ?

(A) Inductive

(B) Deductive

(C) Analysis

(D) Synthesis

99. If the sum of the diagonals of a square is 100 cm, what will be its area ?

(A) 5000 $cm^2$

(B) 125 $cm^2$

(C) $100\sqrt{2}$ $cm^2$

(D) 1250 $cm^2$

100. Which number will lie in place of ★ in the given series ?

7, 26, 63, 124, 215, 342, ★

(A) 541

(B) 415

(C) 511

(D) 521

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

101. ତୃତୀୟ ଶ୍ରେଣୀର ଜଣେ ଶିକ୍ଷାର୍ଥୀ $16 \times 25$ ର ଗୁଣଫଳ ନିମ୍ନମତେ ନିର୍ଣ୍ଣୟ କଲା।

$$16 \times 25 = 8 \times 2 \times 5 \times 5$$
$$= 8 \times 5 \times 2 \times 5$$
$$= 40 \times 10$$
$$= 400$$

ଗୁଣନର କେଉଁ ନିୟମକୁ ଶିକ୍ଷାର୍ଥୀଟି ଏଠାରେ ବ୍ୟବହାର କରିଛି ?

(A) ସହଯୋଗୀ

(B) କ୍ରମିକ ଯୋଗ

(C) ଗୁଣନର ବ୍ୟୁତ୍କ୍ରମ

(D) ବଣ୍ଟନ

102. କେଉଁଟି ଗଣିତର ଏକ ସ୍ୱରୂପ ଅଟେ ?

(A) ଆଳଙ୍କାରିକ

(B) ଯୁକ୍ତି ସଂଗତ

(C) ଦାର୍ଶନିକତ୍ୱ

(D) କଷ୍ଟକର

101. A class 3 student performs multiplication of $16 \times 25$ as follows :

$$16 \times 25 = 8 \times 2 \times 5 \times 5$$
$$= 8 \times 5 \times 2 \times 5$$
$$= 40 \times 10$$
$$= 400$$

Which property of multiplication has the student used in this question ?

(A) Associative

(B) Repeated addition

(C) Inverse multiplication

(D) Distributive

102. Which of the following is a nature of Mathematics ?

(A) Ornamental

(B) Logical

(C) Philosophical

(D) Difficulty

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

103. ଏକ ଗଣିତ ଶ୍ରେଣୀରେ ଶିକ୍ଷକ ନିମ୍ନ ପ୍ରଶ୍ନ ଗୁଡିକ ପଚାରିଲେ, ଯଥା :

(i) ଦୁଇଟି ସଂଖ୍ୟା ନିର୍ଣ୍ଣୟ କର ଯାହାର ଯୋଗଫଳ 12.

(ii) ଏକ ତ୍ରିଭୁଜ ଅଙ୍କନ କର ଯାହାର ପରିସୀମା 58 ସେମି.

(iii) 25ର ଗୁଣନୀୟକ ଗୁଡିକ ଲେଖ

(iv) 'ପରିସୀମା' ର ସଂଜ୍ଞା କ'ଣ ?

ଉପରୋକ୍ତ ପ୍ରଶ୍ନ ଗୁଡିକ ମଧ୍ୟରୁ :

(A) (i) ଓ (ii) ମୁକ୍ତ ଉତ୍ତର ମୂଳକ ଏବଂ (iii) ଓ (iv) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ ।

(B) (i) ଓ (iii) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ଏବଂ (ii) ଓ (iv) ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ।

(C) (i), (ii) ଓ (iii) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ଏବଂ (iv) ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ।

(D) (i), (iii) ଓ (iv) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ଏବଂ (ii) ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ।

103. Following questions are posed by the teacher in a Mathematics classroom :

(i) Find two numbers whose sum is 12.

(ii) Draw a triangle with perimeter 58 cm.

(iii) Write down the factors of 25.

(iv) What is the definition of 'Perimeter' ?

Among the above questions :

(A) (i) & (ii) are open ended and (iii) & (iv) are closed ended questions.

(B) (i) & (iii) are closed ended and (ii) & (iv) are open ended questions.

(C) (i), (ii) & (iii) are closed ended and (iv) is open ended questions.

(D) (i), (iii) & (iv) are closed ended and (ii) is open ended questions.



Teachingninja.in

104. କିଏ ଗଣିତକୁ "ବିଜ୍ଞାନ ଜଗତର ରାଣୀ" ବୋଲି ଆଖ୍ୟା ଦେଇଥିଲେ ?
(A) ଆରିଷ୍ଟଟଲ୍
(B) ଏଲ୍. ବରସ
(C) ଫେଡରିକ୍ ଗସ୍
(D) ଆର୍ଯ୍ୟଭଟ୍ଟ

105. ଜଣେ ଶିକ୍ଷୟିତ୍ରୀ ଗଣିତ ପଢାଇବା ସମୟରେ ଅଭିନୟ ପଦ୍ଧତି ବ୍ୟବହାର କରନ୍ତି, ତାଙ୍କର ଉଦ୍ଦେଶ୍ୟ ହେଉଛି –
(A) ପିଲାମାନଙ୍କର ମନୋରଞ୍ଜନ କରିବା
(B) ଶୃଙ୍ଖଳା ରକ୍ଷା କରିବା
(C) ଶିକ୍ଷାର୍ଥୀମାନଙ୍କୁ ବ୍ୟସ୍ତ ରଖିବା
(D) ବିଚାରର ପରିକଳ୍ପନା କରିବା

106. ନିମ୍ନସ୍ଥ କେଉଁ ଅଧ୍ୟାୟ/ବିଷୟଟି ଜାତୀୟ ପାଠ୍ୟକ୍ରମ ଆଧାର-2005 ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ଗଣିତ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ନୁହେଁ ?
(A) ଚଟାଣରେ ଟାଇଲ ବିଛାଇବା / ମୋଜେଇକ୍ ସମ୍ବନ୍ଧୀୟ
(B) ସାଦୃଶ୍ୟ
(C) ସଂରଚନା
(D) ଅନୁପାତ

107. କାହାକୁ ପ୍ରଦର୍ଶନ ମୂଳକ ଜ୍ୟାମିତିର ଜନକ ବୋଲି କୁହାଯାଏ ?
(A) ଇଉକ୍ଲିଡ୍ (B) ସାମୁଏଲ୍
(C) କନିଙ୍ଗ୍ ହାମ୍ (D) ବର୍ଣ୍ଣାଡ୍ ରସେଲ୍

104. Who stated Mathematics as the "Queen of Sciences" ?
(A) Aristotle
(B) L. Bers
(C) Friedrich Gauss
(D) Aryabhatta

105. A teacher uses role play method in Mathematics class. Her aim is
(A) entertaining children
(B) maintaining discipline
(C) keeping children busy
(D) projecting ideas

106. Which of the following topics are not part of the primary school Mathematics curriculum as per NCF 2005 ?
(A) Tessellation
(B) Symmetry
(C) Patterns
(D) Ratio

107. Who is regarded as the father of Demonstrative Geometry ?
(A) Euclid
(B) Samuel
(C) Cunning Ham
(D) Bertrand Russel



Teachingninja.in

108. ଅଧିକ-କମ୍, ଦୂର-ନିକଟ, ବଡ଼-ଛୋଟ, ଲମ୍ବା-ଛୋଟ ଇତ୍ୟାଦି ଧାରଣା ଗୁଡ଼ିକ

(A) କେବଳ ଭାଷାର ବିଶେଷଣ ଗୁଡ଼ିକ

(B) ଗୁରୁତ୍ୱ ପୂର୍ଣ୍ଣ ପୂର୍ବ ସଂଖ୍ୟା ଧାରଣା ଗୁଡ଼ିକ

(C) ତୁଳନା କରିବାପାଇଁ କିଛି ଅସ୍ପଷ୍ଟ ଶବ୍ଦ

(D) ବିପରୀତ ଶବ୍ଦ ଗୁଡ଼ିକ, ଯାହା ଗଣିତ ଶିଖିବା ପାଇଁ ଆବଶ୍ୟକ ନୁହେଁ

109. ନିମ୍ନସ୍ଥ ମଧ୍ୟରୁ କେଉଁଟି ଗଣିତର ସ୍ୱରୂପ ସମ୍ବନ୍ଧରେ ସବୁଠାରୁ ଉପଯୁକ୍ତ ଅଟେ ?

(i) ଏହା ଶିଶୁକୁ ସୃଜନଶୀଳ କରିବାରେ ସାହାଯ୍ୟକରେ ।

(ii) ଏହା ଶିଶୁର କଳ୍ପନା ଶକ୍ତିକୁ ପୋଷଣ କରିବାରେ ସାହାଯ୍ୟ କରିଥାଏ ।

(iii) ଏହା ଅବରୋହାତ୍ମକ ତର୍କ ଉପରେ ପର୍ଯ୍ୟବେଶିତ ।

(iv) ଏହା ସର୍ବଦା ଅଭିସାରୀ ହୋଇଥାଏ ।

ଠିକ୍ ବିକଳ୍ପଟି ବାଛ

(A) (i) ଓ (iii) ଠିକ୍

(B) (i) ଓ (ii) ଠିକ୍

(C) (i), (ii) ଓ (iii) ଠିକ୍

(D) (ii) ଓ (iii) ଠିକ୍

108. Concepts like more-less, far-near, big-small, long-short etc. are –

(A) Simply language adjectives

(B) Important pre-number concepts

(C) Vague terms for comparison

(D) Antonyms, not necessary for learning Mathematics

109. Which of the following statements about nature of Mathematics are most appropriate ?

(i) It helps the child to be creative.

(ii) It helps in nurturing the child's imagination.

(iii) It is based on deductive reasoning.

(iv) It is always convergent.

Choose the correct option.

(A) (i) & (iii) are true.

(B) (i) & (ii) are true.

(C) (i), (ii) & (iii) are true.

(D) (ii) & (iii) are true.



Teachingninja.in

110. 504 ର କେତୋଟି ଗୁଣନୀୟକ ଅଛି ?

(A) 12

(B) 22

(C) 24

(D) 18

111. $3\frac{x}{8} + y\frac{7}{12} = 6\frac{5}{24}$ ହେଲେ, $x$ + y ର ମୂଲ୍ୟ କେତେ ?

(A) 5

(B) 9

(C) 7

(D) 6

112. ଗୋଟିଏ ଘଣ୍ଟାର ମିନିଟ୍ କଣ୍ଟା ଓ ଘଣ୍ଟା କଣ୍ଟା ଦ୍ୱୟ ମଧ୍ୟରେ ସମକୋଣ ସୃଷ୍ଟି ହେବାର କେତେ ସମୟ ପରେ କଣ୍ଟାଦ୍ୱୟ ପୁନଶ୍ଚ ସମକୋଣରେ ରହିବେ ?

(A) 30 ମିନିଟ୍

(B) $32\frac{8}{11}$ ମିନିଟ୍

(C) $33\frac{3}{7}$ ମିନିଟ୍

(D) 34 ମିନିଟ୍

110. How many factors 504 has ?

(A) 12

(B) 22

(C) 24

(D) 18

111. If $3\frac{x}{8} + y\frac{7}{12} = 6\frac{5}{24}$, find the value of $x + y$.

(A) 5

(B) 9

(C) 7

(D) 6

112. The minute and hour hands of a clock make a right angle. After how long will they form a right angle again ?

(A) 30 min.

(B) $32\frac{8}{11}$ min.

(C) $33\frac{3}{7}$ min.

(D) 34 min.

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

113. ନିମ୍ନସ୍ଥ କେଉଁ ସଂଖ୍ୟାଟିର 363, 489 ଓ 579 ସହ ସାମଞ୍ଜସ୍ୟ ଅଛି ?

(A) 562
(B) 471
(C) 382
(D) 281

114. $2\frac{3}{40}$ ସଂଖ୍ୟାଟି ସଂଖ୍ୟା ରେଖାର କେଉଁ ଦୁଇଟି ଭଗ୍ନ ସଂଖ୍ୟା ଠାରୁ ସମାନ ଦୂରତାରେ ଅଛି ?

(A) $1\frac{2}{5}$ ଓ $2\frac{3}{4}$ (B) $\frac{3}{5}$ ଓ $\frac{4}{5}$
(C) $1\frac{1}{4}$ ଓ $2\frac{2}{5}$ (D) $2\frac{1}{5}$ ଓ $3\frac{1}{4}$

115. ଗୋଟିଏ ପାଞ୍ଚଅଙ୍କ ବିଶିଷ୍ଟ ସଂଖ୍ୟାର ହଜାର ଓ ଦଶକ ସ୍ଥାନର ଅଙ୍କଦ୍ୱୟର ସ୍ଥାନ ଅଦଳ ବଦଳ କରିବାରୁ ସଂଖ୍ୟାଟିର ମାନ 3960 କମିଗଲା, ସେହି ଅଙ୍କଦ୍ୱୟର ପାର୍ଥକ୍ୟ ସ୍ଥିର କର ।

(A) 7
(B) 6
(C) 5
(D) 4

113. Which of the following number is similar to the number 363, 489 and 579 ?

(A) 562
(B) 471
(C) 382
(D) 281

114. The number $2\frac{3}{40}$ is equidistant from which two fractional numbers on a number line ?

(A) $1\frac{2}{5}$ & $2\frac{3}{4}$ (B) $\frac{3}{5}$ & $\frac{4}{5}$
(C) $1\frac{1}{4}$ & $2\frac{2}{5}$ (D) $2\frac{1}{5}$ & $3\frac{1}{4}$

115. In a five digit number, by interchanging the place of thousandth and tenth place digit, the value of the number decreases 3960. Find the difference between these two numbers.

(A) 7
(B) 6
(C) 5
(D) 4

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

116. ବହୁତ ବର୍ଷ ପୂର୍ବେ, ଗୋଟିଏ ଗ୍ରାମରେ 10 ଟି ଠେକୁଆ ବଦଳରେ 2 ଟି କୁକୁଡା ମିଳୁଥିଲା, 6 ଟି କୁକୁଡା ବଦଳରେ 2 ଟି ଛେଳି ମିଳୁଥିଲା ଏବଂ 10 ଟି ଛେଳି ବଦଳରେ 2 ଟି ଗାଈ ମିଳୁଥିଲା । ତେବେ 5 ଟି ଗାଈ ବଦଳରେ କେତୋଟି ଠେକୁଆ ମିଳୁଥିବ ?

(A) 225

(B) 240

(C) 250

(D) 375

117. $2^{13} + 2^{14} + 2^{15} + 2^{16}$ ନିମ୍ନସ୍ଥ କେଉଁ ସଂଖ୍ୟାର ଏକ ଗୁଣିତକ ଅଟେ ?

(A) 7 (B) 19

(C) 17 (D) 15

118. A ଓ B ଦୁହିଁଙ୍କର ଟଙ୍କା ମିଶି ₹ 780 ଥିଲା, A ନିଜ ଟଙ୍କାର $\frac{1}{2}$ ଅଂଶ ଓ B ନିଜ ଟଙ୍କାର $\frac{1}{4}$ ଅଂଶ ଖର୍ଚ୍ଚ କରିବା ପରେ ଉଭୟଙ୍କ ପାଖରେ ସମାନ ଟଙ୍କା ରହିଲା । A ପାଖରେ ପ୍ରଥମେ କେତେ ଟଙ୍କା ଥିଲା ?

(A) ₹ 450 (B) ₹ 468

(C) ₹ 490 (D) ₹ 500

116. Many years ago, a village used to get 2 chickens instead of 10 rabbits, 2 goats instead of 6 chickens and 2 cows instead of 10 goats. Then how many rabbits will be found instead of 5 cows ?

(A) 225

(B) 240

(C) 250

(D) 375

117. $2^{13} + 2^{14} + 2^{15} + 2^{16}$ is a multiple of which of the following number ?

(A) 7 (B) 19

(C) 17 (D) 15

118. A and B has ₹ 780 altogether. After spending $\frac{1}{2}$ of A's and $\frac{1}{4}$th of B's money, both have left same amount of money. How much money did A have at first ?

(A) ₹ 450 (B) ₹ 468

(C) ₹ 490 (D) ₹ 500

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

119. ଗୋଟିଏ ପଲ ଗାଈଙ୍କୁ କେତୋଟି ଲୋକ ଚରାଉଥିଲେ । ଗାଈ ଓ ଗାଈ ରଖୁଆଳଙ୍କର ମୋଟ ମୁଣ୍ଡ ସଂଖ୍ୟାର ଦୁଇଗୁଣ ଅପେକ୍ଷା ସେମାନଙ୍କର ମୋଟ ଗୋଡ ସଂଖ୍ୟା 14 ଅଧିକ । ପଲରେ ଥିବା ଗାଈଙ୍କ ସଂଖ୍ୟା କେତେ ?

(A) 5

(B) 7

(C) 8

(D) 10

120. ଦଶ ବାହୁ ବିଶିଷ୍ଟ ଏକ ଉତ୍ତଳ ବହୁଭୁଜର କର୍ଣ୍ଣ ସଂଖ୍ୟା କେତେ ?

(A) 20

(B) 25

(C) 30

(D) 35

119. Some people were feeding a herd of cows. What is the total number of cows, if the total number of legs is 14 more than twice the total numbers of cows and the cow-keepers in the herd ?

(A) 5

(B) 7

(C) 8

(D) 10

120. What is the number of diagonals of a convex polygon having ten sides ?

(A) 20

(B) 25

(C) 30

(D) 35

ରଫ୍ କରିବା ସ୍ଥାନ/SPACE FOR ROUGH WORK



Teachingninja.in

## ପରିବେଶ ବିଜ୍ଞାନ / ENVIRONMENTAL SCIENCE

121. କେଉଁ କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ଭାରତରେ ସ୍ୱାଧୀନତା ପରଠାରୁ ଯଥେଷ୍ଟ ଉନ୍ନତି ହୋଇଛି ?
(A) ଝୋଟ (B) କପା
(C) ଗହମ (D) ଆଖୁ

122. ଖଣି ସମ୍ପର୍କିତ ଖଣିଜ ପଦାର୍ଥ ଦୃଷ୍ଟିକୋଣରୁ ଭିନ୍ନ ଯୋଡିଟିକୁ ବାଛି ଲେଖ ।
(A) ଝରିଆ – କୋଇଲା
(B) କୋଦର୍ମା – ଅଭ୍ର
(C) ସୁକିନ୍ଦା – ମାଙ୍ଗାନିଜ
(D) ଦାମନଯୋଡି – ବକ୍ସାଇଟ୍

123. କେଉଁ ପ୍ରକାରର ଖାଦ୍ୟରେ ଅତ୍ୟଧିକ ଶକ୍ତି ଥାଏ ?
(A) ଶ୍ୱେତସାର
(B) ସ୍ନେହସାର
(C) ପୁଷ୍ଟିସାର
(D) ଧାତୁସାର

124. କେଉଁ ଗିରିପଥଟି ପୂର୍ବ ହିମାଳୟରେ ଅବସ୍ଥିତ ?
(A) ନାଥୁଲା
(B) ବ୍ରୁଜିଲ୍
(C) ଲିପୁଲେଖ
(D) ଯୋଜିଲା

125. ନିମ୍ନୋକ୍ତ କେଉଁ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁଦ୍ୱାରା ବୃଷ୍ଟିପାତ ହୋଇ ନଥାଏ ?
(A) ମାଲାବାର ଉପକୂଳ
(B) କରମଣ୍ଡଳ ଉପକୂଳ
(C) କଙ୍କଣ ଉପକୂଳ
(D) ଓଡ଼ିଶା ଉପକୂଳ

121. In which agricultural crop production has there been a lot of improvement after independence in India ?
(A) Jute (B) Cotton
(C) Wheat (D) Sugarcane

122. Select the odd pair on the basis of mines and the related minerals :
(A) Jharia – Coal
(B) Koderma – Mica
(C) Sukinda – Manganese
(D) Damanjodi – Bauxite

123. Which type of food does contain more energy ?
(A) Carbohydrates
(B) Fats
(C) Proteins
(D) Minerals

124. Which mountain pass is located in the Eastern Himalayas ?
(A) Nathula
(B) Brazil
(C) Lipulekh
(D) Zoji La

125. In which of the following areas there is no rainfall by the South West monsoon ?
(A) The Malabar Coast
(B) The Coromondal Coast
(C) The Konkan Coast
(D) The Odisha Coast



Teachingninja.in

126. କେଉଁଟିର ଲୋହିତ ରକ୍ତ କଣିକା ପ୍ରତି ଆକର୍ଷଣ ଅଧିକ ?

(A) ଅମ୍ଳଜାନ

(B) କାର୍ବନ୍ ମନୋକ୍ସାଇଡ୍

(C) ଯବକ୍ଷାରଜାନ

(D) କାର୍ବନ୍ ଡାଇଅକ୍ସାଇଡ୍

127. ଲୋକସଭାରେ ଗୃହୀତ ହୋଇଥିବା ଗୋଟିଏ ବିଲ୍ ରାଜ୍ୟସଭାରେ ଅନୁମୋଦିତ ନ ହେଲେ କି ପଦକ୍ଷେପ ନିଆଯାଏ ?

(A) ବିଲ୍‌ଟି ଲୋକସଭାରେ ପୁନଃ ଆଲୋଚ଼ନା ହୁଏ ।

(B) ରାଷ୍ଟ୍ରପତିଙ୍କ ନିକଟକୁ ବିଲ୍‌ଟି ପଠାଯାଏ ।

(C) ସଂସଦର ମିଳିତ ଅଧିବେଶନରେ ବିଲ୍‌ଟି ଉପସ୍ଥାପନ କରାଯାଏ

(D) ଉଚ୍ଚତମ ନ୍ୟାୟାଳୟର ମତ ଲୋଡ଼ାଯାଏ

128. କେଉଁଟି ମନୁଷ୍ୟ ଶରୀରର ବୃହତ୍ ଅନ୍ତଃ ଅଙ୍ଗ ?

(A) ପାକସ୍ଥଳୀ

(B) ବୃକ୍କ

(C) ହୃତ୍‌ପିଣ୍ଡ

(D) ଯକୃତ

129. କେଉଁଟି ବୀଜାଣୁଜନିତ ରୋଗ ?

(A) ହଇଜା

(B) ହାଡଫୁଟି

(C) ପୋଲିଓ

(D) ବସନ୍ତ

126. Which has more attraction towards red blood corpuscles ?

(A) Oxygen

(B) Carbon monoxide

(C) Nitrogen

(D) Carbon dioxide

127. What step is taken when a Bill is not accepted by the Rajya Sabha having been passed by the Lok Sabha ?

(A) The Bill is debated again in the Lok Sabha.

(B) The Bill is sent to the President.

(C) The Bill is presented in the joint session of the Parliament.

(D) The opinion of the Supreme Court is sought.

128. Which is the largest internal organ of human body ?

(A) Stomach

(B) Kidney

(C) Heart

(D) Liver

129. Which is a bacterial disease ?

(A) Cholera

(B) Chicken pox

(C) Polio

(D) Small pox



Teachingninja.in

130. କେଉଁ ସଂସ୍ଥାଟି ଗ୍ରାମାଞ୍ଚଳ – ସ୍ୱାୟତ୍ତ ଶାସନ ସହିତ ସଂପୃକ୍ତ ?

(A) ବିଜ୍ଞାପିତ ଅଞ୍ଚଳ ପରିଷଦ

(B) ପୌରନିଗମ

(C) ଜିଲ୍ଲା ପରିଷଦ

(D) ବିଧାନ ପରିଷଦ

131. ନିମ୍ନୋକ୍ତ କେଉଁଟି ଉତ୍ତର ନାତିଶୀତୋଷ୍ଣ ମଣ୍ଡଳର ବିସ୍ତୃତି ଅଟେ ?

(A) ମକର କ୍ରାନ୍ତିରୁ କୁମେରୁ ବୃତ୍ତ

(B) ବିଷୁବ ବୃତ୍ତରୁ ମକର କ୍ରାନ୍ତି

(C) ବିଷୁବ ବୃତ୍ତରୁ କର୍କଟ କ୍ରାନ୍ତି

(D) କର୍କଟ କ୍ରାନ୍ତିରୁ ସୁମେରୁ ବୃତ୍ତ

132. କେଉଁ ଘଟଣାଟି ଗାନ୍ଧୀଜୀଙ୍କ ଆନ୍ଦୋଳନାତ୍ମକ କାର୍ଯ୍ୟ ସହିତ ଜଡିତ ନଥିଲା ?

(A) ଚୌରୀଚୌରା ଘଟଣା

(B) ଭେଣ୍ଡିବଜାର ଘଟଣା

(C) ଚମ୍ପାରନ୍ ସତ୍ୟାଗ୍ରହ

(D) ଧରାଷଣା ଘଟଣା

133. କୌଣସି ବସ୍ତୁର ସଂବେଗ ଦୁଇଗୁଣ ହୋଇଗଲେ ଏହାର ଗତିଜ ଶକ୍ତି କେତେ ଗୁଣ ହେବ ?

(A) 2

(B) 4

(C) 8

(D) 16

130. Which institution is associated with the local Self-Government of rural area ?

(A) Notified Area Council

(B) Municipal Corporation

(C) Zilla Parishad

(D) Legislative Council

131. Which of the following is the extension of the North temperate zone ?

(A) From Tropic of Capricorn to Antarctic circle.

(B) From Equator to Tropic of Capricorn.

(C) From Equator to Tropic of Cancer.

(D) From Tropic of Cancer to Arctic Circle.

132. Which incident is not associated with the Gandhian Movement ?

(A) Chouri Choura Incident

(B) Bhendibazar Riot

(C) Champaran Satyagraha

(D) Dharsana Incident

133. How many times will be the kinetic energy of a body increase whose momentum became two times ?

(A) 2

(B) 4

(C) 8

(D) 16



Teachingninja.in

134. କେଉଁ ଦୁଇଟି ଗ୍ରହରେ ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇ ପୂର୍ବରେ ଅସ୍ତ ହୁଅନ୍ତି ?

(A) ଶୁକ୍ର ଓ ୟୁରେନ୍‌ସ

(B) ଶନି ଓ ୟୁରେନ୍‌ସ

(C) ବୃହସ୍ପତି ଓ ଶନି

(D) ବୁଧ ଓ ଶୁକ୍ର

135. (i) ଏକ ପଦାର୍ଥର ଗଳନାଙ୍କ ଓ ତାହାର ତରଳାଙ୍କ ସମାନ ଅଟେ ।

(ii) ଏକ ବିରଳ ଗ୍ୟାସ୍‌ର ଅଣୁ ଓ ପରମାଣୁ ସମାନ ଅଟେ ।

(iii) ଏକ ବସ୍ତୁର ବସ୍ତୁତ୍ୱ ଓ ଓଜନ ସମାନ ଅଟେ ।

(A) (i) ଓ (iii) ଭୁଲ୍ ଏବଂ (ii) ଠିକ୍

(B) (ii) ଓ (iii) ଭୁଲ୍ ଏବଂ (i) ଠିକ୍

(C) (i) ଓ (ii) ଭୁଲ୍ ଏବଂ (iii) ଠିକ୍

(D) (i), (ii) ଓ (iii) ଭୁଲ୍

136. କେଉଁଟି ଜଳବାୟୁର ଏକ ନିୟାମକ ନୁହେଁ ?

(A) ଅକ୍ଷାଂଶ

(B) ସମୁଦ୍ର ଠାରୁ ସ୍ଥାନର ଦୂରତା

(C) ଦ୍ରାଘିମା

(D) ସମୁଦ୍ର ପତ୍ତନରୁ ସ୍ଥାନର ଉଚ୍ଚତା

137. ନିମ୍ନସ୍ଥ ମଧ୍ୟରୁ କେଉଁଟି ସାଗର ଜଳର ହାରାହାରି ଲବଣତା ଅଟେ ?

(A) 31‰

(B) 33‰

(C) 35‰

(D) 37‰

134. In which two planets the Sun rises in the West and sets in the East ?

(A) Venus and Uranus

(B) Saturn and Uranus

(C) Jupiter and Saturn

(D) Mercury and Venus

135. (i) The melting point and the point of liquefaction of a substance are the same.

(ii) The molecule and the atom of a rare gas are the same.

(iii) The mass and weight of a substance are the same.

(A) (i) & (iii) are wrong and (ii) is correct.

(B) (ii) & (iii) are wrong and (i) is correct.

(C) (i) & (ii) are wrong and (iii) is correct.

(D) (i), (ii) & (iii) are wrong.

136. Which is not a factor of controlling climate ?

(A) Latitude

(B) Distance from the sea

(C) Longitude

(D) Altitude

137. Which of the following is the average salinity of the ocean ?

(A) 31‰

(B) 33‰

(C) 35‰

(D) 37‰



Teachingninja.in

138. ଖେଳ ପଡ଼ିଆରେ 45 କି.ଗ୍ରା. ବସ୍ତୁତ୍ୱ ବିଶିଷ୍ଟ ଜଣେ ଖେଳାଳୀ ଅଧିକତମରେ 1.5ମି. ଉଚ୍ଚତା ପର୍ଯ୍ୟନ୍ତ ଡେଇଁ ପାରନ୍ତି । ସେହି ଖେଳାଳୀ ଜଣକ ଚନ୍ଦ୍ର ପୃଷ୍ଠରେ ଅଧିକେଶାରେ କେତେ ଉଚ୍ଚତା ପର୍ଯ୍ୟନ୍ତ ଡେଇଁ ପାରିବେ ?

(A) 0.25 ମି.

(B) 1.5 ମି.

(C) 9 ମି.

(D) 11.5 ମି.

139. (i) ବାୟୁ ଏକ ସମଜାତୀୟ ମିଶ୍ରଣ ଅଟେ ।

(ii) 24 କ୍ୟାରେଟ୍ ସୁନା, ସୁନା ଓ ତମ୍ବାର ଏକ ମିଶ୍ରଧାତୁ ଅଟେ ।

(iii) ଆମାଲଗାମ୍ ଏକ ମିଶ୍ରଧାତୁ ଅଟେ ।

(A) (i) ଠିକ୍ ଏବଂ (ii) ଓ (iii) ଭୁଲ୍

(B) (ii) ଠିକ୍ ଏବଂ (i) ଓ (iii) ଭୁଲ୍

(C) (i) ଓ (iii) ଠିକ୍ ଏବଂ (ii) ଭୁଲ୍

(D) (i), (ii) ଓ (iii) ଭୁଲ୍

140. ନିମ୍ନୋକ୍ତ କେଉଁଟି ଉଦ୍ଭିଦରେ ଅଲିଙ୍ଗୀ ଜନନର ପ୍ରକାରକୁ ସୂଚାଉ ନାହିଁ ?

(A) ବିଭାଜନ

(B) କଳିକନ

(C) ରେଣୁଭବନ

(D) ସମାୟନ

138. An athlete of mass 45 kg can jump to a maximum height of 1.5 m in the playground. To what maximum height the same athlete could jump on the surface of the moon ?

(A) 0.25 m

(B) 1.5 m

(C) 9 m

(D) 11.5 m

139. (i) Air is a homogeneous mixture.

(ii) 24 carat gold is an alloy of gold and copper.

(iii) Amalgam is an alloy.

(A) (i) is correct and (ii) & (iii) are wrong.

(B) (ii) is correct and (i) & (iii) are wrong.

(C) (i) and (iii) are correct and (ii) is wrong.

(D) (i), (ii) and (iii) are wrong.

140. Out of the following, which does not indicate a part of asexual reproduction in plants ?

(A) Fission

(B) Budding

(C) Sporulation

(D) Fertilization



Teachingninja.in

141. "ବାୟୁରେ ଜଳୀୟ ବାଷ୍ପ ଅଛି" – ଏହାକୁ ଜଣେ ଶିକ୍ଷକ କାଚ଼ ଗ୍ଲାସରେ ବରଫ ଖଣ୍ଡ ରଖି କିଛି ସମୟ ପରେ ଗ୍ଲାସର ବାହାର ପଟରେ ଲାଗିଥିବା ଜଳକଣାକୁ ଦେଖାଇ ବୁଝାଇଲେ । ଏହା ଶିକ୍ଷକଙ୍କର କେଉଁ ଭୂମିକାକୁ ବୁଝାଉଛି ?

(A) ପରିଚାଳକ (B) ତତ୍ତ୍ୱାବଧାରକ

(C) ସହାୟକ (D) ଦିଗ୍‌ଦର୍ଶକ

142. କୌଣସି ଏକ ଭୌଗୋଳିକ ସ୍ଥାନରେ ଶୈକ୍ଷିକ ଉଦ୍ଦେଶ୍ୟ ଆଧାରିତ ଯୋଜନା ବଦ୍ଧ ପର୍ଯ୍ୟବେକ୍ଷଣକୁ କ'ଣ କୁହାଯାଏ ?

(A) ମୁକ୍ତ ପର୍ଯ୍ୟବେକ୍ଷଣ

(B) ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ

(C) ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ

(D) ପରୋକ୍ଷ ପର୍ଯ୍ୟବେକ୍ଷଣ

143. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବିଜ୍ଞାନ ଶିକ୍ଷାର ମୁଖ୍ୟଲକ୍ଷ୍ୟ ଅଟେ ?

(A) ବୌଦ୍ଧିକ ବିକାଶ

(B) ମନୋକ୍ରିୟାତ୍ମକ ବିକାଶ

(C) ଆବେଗିକ ବିକାଶ

(D) ଏ ସମସ୍ତ

144. ଦୈନନ୍ଦିନ ବିଜ୍ଞାନ ଶିକ୍ଷାଦାନର ସଫଳତା ପାଇଁ ଶିକ୍ଷକ କେଉଁ ଯୋଜନା ଉପରେ ଗୁରୁତ୍ୱ ଦେବା ଉଚିତ୍ ?

(A) ସହପାଠ୍ୟ ଯୋଜନା

(B) ପାଠ୍ୟ ଯୋଜନା

(C) ଏକକ ଯୋଜନା

(D) ଶ୍ରେଣୀ ପରିଚାଳନା ଯୋଜନା

141. "Water vapour is present in the Air." This was explained by a teacher keeping pieces of ice in the glass and exhibiting water droplets on the outer surface of it after a while. Which role of the teacher does it signify ?

(A) Manager (B) Care-taker

(C) Facilitator (D) Guide

142. To visit a geographical location for objective based observation in a planned way is called ________.

(A) Free observation

(B) Controlled observation

(C) Direct observation

(D) Indirect observation

143. Which of the following is the main objective of science teaching ?

(A) Cognitive development

(B) Psychomotor development

(C) Affective development

(D) All of the above

144. Which strategy should a teacher emphasize in day to day teaching science effectively ?

(A) Co-curricular planning

(B) Lesson planning

(C) Unit planning

(D) Class-room management planning



Teachingninja.in

145. କେଉଁଟି ପ୍ରାଥମିକ ଶିକ୍ଷାସ୍ତରରେ ପରିବେଶ ଅଧ୍ୟୟନର ଲକ୍ଷ୍ୟ ନୁହେଁ ?

(A) ପରିବେଶର ଗୁରୁତ୍ୱ ପ୍ରତି ସଚେତନ ହେବା

(B) ପରିବେଶ ସନ୍ତୁଳନର ଉପାୟ ଜାଣିବା

(C) ମୂଲ୍ୟବୋଧ ଭିତ୍ତିକ ଜୀବନ ଶୈଳୀର କୌଶଳ ଶିଖିବା

(D) ପ୍ରାକୃତିକ ସଂପଦର ବହୁଳ ବ୍ୟବହାର

146. କେଉଁ ସବୁ ବିଷୟ ବସ୍ତୁ ପରିବେଶ ବିଜ୍ଞାନ ପରିସରଭୁକ୍ତ ?

(A) ବିଜ୍ଞାନ, ଇତିହାସ, ଭାଷା ଓ ଭୂଗୋଳ

(B) ବିଜ୍ଞାନ, ଭୂଗୋଳ, ଗଣିତ ଓ ରାଜନୀତି ବିଜ୍ଞାନ

(C) ବିଜ୍ଞାନ, ଭୂଗୋଳ, ଇତିହାସ ଓ ରାଜନୀତି ବିଜ୍ଞାନ

(D) ଭୂଗୋଳ, ଇତିହାସ, ରାଜନୀତି ବିଜ୍ଞାନ ଓ ଭାଷା

147. "ପରିବେଶ ଅଧ୍ୟୟନ" ପରୀକ୍ଷଣରେ ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାର ପ୍ରଶ୍ନ ମଧ୍ୟରୁ କେଉଁଥିରେ ଅନୁମାନ କରି ଉତ୍ତର ଦେବାର ସମ୍ଭାବନା କମ୍ ଥାଏ ?

(A) ଗୋଟିଏ ବାକ୍ୟରେ ଉତ୍ତର ଦେବା

(B) ଶୂନ୍ୟସ୍ଥାନ ପୂରଣ କରିବା

(C) ବହୁ-ବିକଳ୍ପ ମୂଳକ ପ୍ରଶ୍ନ

(D) ସଂପର୍କ-ନିର୍ଣ୍ଣାୟକ ପ୍ରଶ୍ନ

145. Which is not the aim of studying environmental studies at the elementary education stage ?

(A) To be aware of the importance of environment.

(B) To know the means of Balancing environment.

(C) To learn the skill of value oriented life style.

(D) Intensive use of natural resources.

146. Which subject matters are under the scope of Environmental Science ?

(A) Science, History, Language and Geography

(B) Science, Geography, Mathematics and Political Science

(C) Science, Geography, History and Political Science

(D) Geography, History, Political Science and Language

147. Out of the different types of test items in "Environmental Studies" which type of question possess less possibility of guess in answering ?

(A) To answer in a single sentence

(B) To fill in the blanks

(C) Multiple choice question

(D) Analogy question



Teachingninja.in

148. ଇତିହାସ ଶିକ୍ଷାଦାନରେ ଚିନ୍ତା ଓ ପ୍ରତ୍ୟାଶାମୂଳକ ପ୍ରଶ୍ନ ପଚରା ଯାଇଥାଏ, କାରଣ ଏହାଦ୍ୱାରା ଶିକ୍ଷାର୍ଥୀ ମାନଙ୍କର _____

(A) ବହୁମୁଖୀ ଚିନ୍ତନ ପ୍ରକ୍ରିୟାର ବିକାଶ ଘଟିଥାଏ

(B) ଘଟିଥିବା ଘଟଣାଗୁଡିକୁ ବିଶ୍ଳେଷଣ କରିବାରେ ସହାୟକ ହୋଇଥାଏ

(C) ବିଶ୍ଳେଷଣାତ୍ମକ ତଥ୍ୟରୁ ପରବର୍ତ୍ତୀ ସମ୍ଭାବ୍ୟ ଘଟଣାର ରୂପରେଖ ସମ୍ବନ୍ଧରେ ପୂର୍ବାନୁମାନ କରିବାରେ ସହାୟକ ହୋଇଥାଏ

(D) ଉପରୋକ୍ତ ସମସ୍ତ ଦକ୍ଷତାର ବିକାଶ ଘଟିଥାଏ

149. ଇତିହାସ ଶିକ୍ଷାଦାନରେ "ସମୟରେଖା" ବ୍ୟବହାର କରାଯାଏ କାରଣ ଶିକ୍ଷାର୍ଥୀମାନେ

(A) ଏକ ସମୟରେ ଘଟୁଥିବା ଦୁଇ ବା ତତୋଧିକ ଐତିହାସିକ ଘଟଣାମଧ୍ୟରେ ସଂପର୍କସ୍ଥାପନ କରିପାରିବେ ।

(B) ଐତିହାସିକ ଘଟଣା ଗୁଡିକୁ ସହଜରେ ମନେ ରଖିପାରିବେ ।

(C) ଐତିହାସିକ ଘଟଣା ଗୁଡିକୁ କ୍ରମାନୁସାରେ କହିପାରିବେ ।

(D) ଏ ସମସ୍ତ କାର୍ଯ୍ୟ କରିପାରିବେ ।

150. ପରିବେଶ ସଂପର୍କିତ ପ୍ରତ୍ୟକ୍ଷ ଅନୁଭୂତି ନିମ୍ନୋକ୍ତ ମଧ୍ୟରୁ କେଉଁ ପଦ୍ଧତିରେ ସମ୍ଭବପର ?

(A) ସର୍ବେକ୍ଷଣ

(B) କ୍ଷେତ୍ର ପରିଭ୍ରମଣ

(C) ପ୍ରକଳ୍ପ

(D) ଉପରୋକ୍ତ ସମସ୍ତ

148. Thought provoking questions are asked while teaching History, because they help the pupils :

(A) To develop divergent thinking ability.

(B) To analyse the incidents that have occurred.

(C) To predict the occurrence of the next probable event from its analytical account.

(D) To develop all of the above possibilities.

149. "Time-line" is used in History teaching, because pupils can

(A) establish relationship between two or more historical events taking place simultaneously.

(B) remember historical events easily.

(C) express the historical events chronologically.

(D) All of the above activities can do.

150. Out of the following which processes are possible for direct experience relating to environment ?

(A) Survey

(B) Field visit

(C) Project

(D) All of the above

(Continued)



Teachingninja.in